**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୧ • ପାଉଣ୍ଡ ୧୨୯.୫୧
- ୟୁରୋ ୧୧୨.୧୪ • ୟେନ୍ ୦.୬୧

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୮୦୦ (ଭୁବନେଶ୍ୱର)
- ରୁପା : ୩,୧୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୩୯୮.୦୦
- ନିଫ୍ଟି ୨୩,୬୮୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ରେକର୍ଡ ନିମ୍ନ ସ୍ତରକୁ ଖସିଲା ଭାରତୀୟ ମୁଦ୍ରା

# ‘ଟଙ୍କା’ ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା



**ମୁମ୍ବଇ, ୧୪।୫ (ଏଜେନ୍ସି):** ସଙ୍କଟରେ ଭାରତୀୟ ଅର୍ଥନୀତି। ସାରା ଦେଶରେ ତୈଳ ସଙ୍କଟ ବ୍ୟାପିବାରେ ଲାଗିଛି। ସମସ୍ତଙ୍କ ବର୍ତ୍ତମାନ ନଜର ପେଟ୍ରୋଲ ଏବଂ ଡିଜେଲ ଯୋଗାଣ ଜନିତ ସମସ୍ୟା ଉପରେ ରହିଥିବାବେଳେ ଦେଶର ଅର୍ଥନୀତିକୁ ଲାଗିଲାଣି ବଡ଼ ଝଟ୍‌କା। କାରଣ କମୁଛି ଭାରତୀୟ ମୁଦ୍ରା ‘ଟଙ୍କା’ର ବିନିମୟ ମୂଲ୍ୟ। ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଧାରା ଥମିବାର ନାମ ଧରୁନାହିଁ। ଆମେରିକା ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ରେକର୍ଡ ସର୍ବକାଳୀନ ହ୍ରାସ ଘଟି ଏହା ଏବେ ୯୬ ଟଙ୍କା ସ୍ତର ନିକଟତର। ଏଥିଯୋଗୁ ‘ଟଙ୍କା’ ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଦେଶର ଅର୍ଥନୀତିକୁ ଘୋର ବିପଦ ଆଡକୁ ଠେଲିଦେଇଛି। ଗୁରୁବାର ଟଙ୍କା ମୂଲ୍ୟରେ ଟଙ୍କା ୨୦ ପଇସା ହ୍ରାସ ପାଇ ଏହା ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି।

ଗୁରୁବାର ପୂର୍ବାହ୍ନରେ ମୁଦ୍ରା ବଜାର ଖୋଲିବା ମାତ୍ରେ ଟଙ୍କାର ବିନିମୟ ମୂଲ୍ୟରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଆହୁରି ୨୦ ପଇସା ହ୍ରାସ ଘଟି ଏହା ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଟଙ୍କାର ବିନିମୟ ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବିପୁଳ ଅର୍ଥ ବ୍ୟୟ କରିସାରିଲାଣି, ହେଲେ ଟଙ୍କା ସମ୍ଭାଳିବା ସ୍ଥିତିରେ ନାହିଁ। ଏଣୁ ଭାରତୀୟ ଟଙ୍କାକୁ ଏସିଆର ସବୁଠୁ ଖରାପ୍ରଦର୍ଶନକାରୀ ମୁଦ୍ରାର ମାନ୍ୟତା ମିଳିଛି। ଯଦି ରିଜର୍ଭ ବ୍ୟାଙ୍କ ଏପରି ପଦକ୍ଷେପ ଗ୍ରହଣ କରି ନ ଥାନ୍ତା, ତେବେ ପରିସ୍ଥିତି ଆହୁରି ଖରାପ ହୋଇଥାନ୍ତା। ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବଜାରରେ ଟଙ୍କା ୯୫.୭୪ ରୁ ୯୫.୮୬ ଟଙ୍କାକୁ ଖସିଯାଇଛି, ଯାହା ସିଧାସଳଖ ୨୦ ପଇସା ହ୍ରାସକୁ ପ୍ରତିନିଧିତ୍ୱ କରୁଛି। ଦିନକ ପୂର୍ବରୁ ଟଙ୍କା ୯୫.୮୦ ସ୍ତରରେ ପହଞ୍ଚିବା ପରେ ଏହା ପ୍ରତି ଡଲାର ୯୫.୬୬ ଟଙ୍କାରେ କାରବାର ହେଉଥିଲା।

ଭାରତ ୯୦% ଅଶୋଧିତ ତୈଳ ଓ ୫୦% ପ୍ରକୃତିକ ଗ୍ୟାସ୍ ବିଦେଶରୁ ଆମଦାନୀ କରିଥାଏ। ଏଥିରେ ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ବୈଶ୍ୱିକ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଭାରତର ମାଇକ୍ରୋଇକୋନମିକ ଆଉଟଲୁକ୍ ଉପରେ ଚାପ ପକାଇଛି। ଅଭିବୃଦ୍ଧି ହ୍ରାସ ହୋଇଥିବା ବେଳେ ମୁଦ୍ରାସ୍ଫୀତି ବଢ଼ିଛି।

### ଡଲାର ତୁଳନାରେ ୯୬ ସ୍ତର ନିକଟତର

ଏଣୁ ଟଙ୍କା ଉପରେ ଚାପ ବଢ଼ିପାରେ। ତେବେ ସମ୍ପୂର୍ଣ୍ଣ ସପ୍ତାହର କାରବାର ଦେଖିଲେ ଡଲାର ତୁଳନାରେ ଟଙ୍କା ଚଳିତ ସପ୍ତାହରେ ୧.୪% ହ୍ରାସ ହୋଇଛି। ଅପରପକ୍ଷେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଏପରି ହ୍ରାସ ଦେଶକୁ ଆମଦାନୀ ମହଙ୍ଗା କରିବ। ଯାହାଫଳରେ ମୁଦ୍ରାସ୍ଫୀତି ଖୁବ୍ ଜୋରରେ ଉପରମୁହାଁ ହେବ। ଏହାର ସିଧାସଳଖ ପ୍ରଭାବ ଖାଉଟି ବଜାର ଉପରେ ଦେଖିବାକୁ ମିଳିବ। ଦରଦାମ୍ ତାତିରେ ବଜାର ଥରହର ହେବ।

**ରିଜର୍ଭ ବ୍ୟାଙ୍କର ବଡ଼ କାର୍ଯ୍ୟାନୁଷ୍ଠାନ**

## ଦେଶର ୧୫୦ ଏନ୍‌ବିଏଫ୍‌ସିର ସାର୍ଟିଫିକେଟ ରଦ୍ଦ

**ନୂଆଦିଲ୍ଲୀ,୧୪।୫(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗ୍ରହଣ କରିଛି ବଡ଼ କାର୍ଯ୍ୟାନୁଷ୍ଠାନ। ରଦ୍ଦ ହୋଇଛି ଦେଶର ୧୫୦ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି) ବା ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାର ସାର୍ଟିଫିକେଟ୍। ଏଥିରେ ସବୁଠାରୁ ବଡ଼ କଥା ହେଉଛି, ଆରବିଆଇର ଏହି କାର୍ଯ୍ୟାନୁଷ୍ଠାନରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ଦିଲ୍ଲୀ ଏବଂ ପଶ୍ଚିମବଙ୍ଗରେ ପଞ୍ଜିକୃତ ହୋଇଥିବା ଏନ୍‌ବିଏଫ୍‌ସି। ଆରବିଆଇର ତାଲିକାରେ ନୂଆଦିଲ୍ଲୀରେ ପଞ୍ଜିକୃତ ୬୭ ଏବଂ ପଶ୍ଚିମବଙ୍ଗରେ ପଞ୍ଜୀକୃତ ୭୫ କମ୍ପାନୀଙ୍କ ସାର୍ଟିଫିକେଟ ରଦ୍ଦ କରାଯାଇଛି।



ରଦ୍ଦ ହୋଇଥିବା ସଂସ୍ଥା ମଧ୍ୟରେ ଅନେକ ଛୋଟ ଏବଂ ମଧ୍ୟମ ଆକାରର ଫାଇନାନ୍ସ ଏବଂ ଇନଭେଷ୍ଟମେଣ୍ଟ (ନିବେଶ) କମ୍ପାନୀ ରହିଛନ୍ତି। ଏହି ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନୀ ଋଣ ଦେବା, ଲିଜ୍, ନିବେଶ ଏବଂ ଏହା ସହ ଜଡ଼ିତ ଆର୍ଥିକ କାରବାର କରୁଥିଲେ। ସେହିଭଳି ତାଲିକାରେ ତେଲେଙ୍ଗାନା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ବିହାର ଏବଂ ହରିୟାଣା ଭଳି ରାଜ୍ୟର କମ୍ପାନୀ ମଧ୍ୟ ରହିଛନ୍ତି। ସୂଚନାଥାଉକି, ଅଣ- ବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀ ହେଉଛି ଏଭଳି ଆର୍ଥିକ ସଂସ୍ଥା ଯାହା ବ୍ୟାଙ୍କ ଭଳି ଋଣ, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ଯୋଗାଇଥାନ୍ତି। ହେଲେ ସେମାନଙ୍କ ପାଖରେ ବ୍ୟାଙ୍କିଙ୍ଗ ଲାଇସେନ୍ସ ନ ଥାଏ। ଏମାନଙ୍କର କାରବାର ଆରବିଆଇ ଆଇନ ଅନୁସାରେ, ଆରବିଆଇ ଦ୍ୱାରା କରାଯାଇଥାଏ। ତେବେ ପଞ୍ଜୀକରଣ ରଦ୍ଦ ହେବାର ଅର୍ଥ ଏହି କମ୍ପାନୀ ଏବେ ଏନ୍‌ବିଏଫ୍‌ସି ଭାବରେ କାମ କରିପାରିବେନାହିଁ କିମ୍ବା କୌଣସି ଆର୍ଥିକ କାରବାର କରିପାରିବେନାହିଁ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ଧାରା ୪୫- ଆଇଏ (୬) ଅନୁଯାୟୀ ଅଣ- ବ୍ୟାଙ୍କିଙ୍ଗଆର୍ଥିକ କମ୍ପାନୀଗୁଡ଼ିକର ପଞ୍ଜିକରଣ ସାର୍ଟିଫିକେଟ ବାତିଲ କରାଯାଇଛି।

## ‘ଏମ୍‌ଜି ୱିଣ୍ଡସର କମ୍ୟୁଟ୍’ର ବଜାର ପ୍ରବେଶ




**ଭୁବନେଶ୍ୱର, ୧୪।୫(ସମିସ):** ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏମଜି ସେଣ୍ଟ୍ରାଲ୍ ଶୋ’ରୁମରେ ଗୁରୁବାର ନୂତନ ‘ଏମ୍‌ଜି ୱିଣ୍ଡସର କମ୍ୟୁଟ୍’ର ବଜାର ପ୍ରବେଶ ହୋଇଯାଇଛି। ‘ଇନୋଭେସନ୍ ଅନ୍‌ଫୋଲ୍ଡସ’ ଥିମ୍‌କୁ ଆଧାର କରି ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ନୂତନ ଯୁଗର ମାଇକ୍ରୋ-ମୋବିଲିଟି, ଆଧୁନିକ ଡିଜାଇନ୍ ଓ ନବୀନ ପ୍ରଯୁକ୍ତିର ଝଲକ ପ୍ରଦର୍ଶିତ ହୋଇଥିଲା। ଏଥିରେ ଅତିଥିମାନେ ‘ଏମ୍‌ଜି ୱିଣ୍ଡସର କମ୍ୟୁଟ୍’ର’ ଆକର୍ଷଣୀୟ ଫିଚର୍ସ ଓ ଷ୍ଟାଇଲିଶ ଡିଜାଇନ୍‌କୁ ନିକଟରୁ ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ବିଆଇ ଋଣ ବିଭାଗର ମୁଖ୍ୟ ନଳୀନି ପୁହାଣ, ୟୁକୋର ମୁଖ୍ୟ ସୌଭାଗ୍ୟ ସାହୁ ଏବଂ ଏମଜି ସେଣ୍ଟ୍ରାଲ୍‌ର ଏମ୍‌ଡି ଆଦର୍ଶ ଧାୱନ୍, ବିଶାଲ ଧାୱନ୍, ଶିନୁ ଧାୱନ୍,ସେଲ୍ସ (ହେଡ୍)ଦେବାଶିଷ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ନୂତନ ଯୁଗର ଇନୋଭେସନ୍ ଓ ମୋବିଲିଟି କ୍ଷେତ୍ରରେ ଏମ୍‌ଜିର ପଦକ୍ଷେପକୁ ପ୍ରଶଂସା କରିଥିଲେ। କଳା ଏବଂ ଧଳା ରଙ୍ଗରେ ଉପଲବ୍ଧ ‘ଏମ୍‌ଜି ୱିଣ୍ଡସର କମ୍ୟୁଟ୍’ର ଏକ୍ସ ଶୋ ରୁମ୍ ମୂଲ୍ୟ ୧୩.୪୯ ଲକ୍ଷ ଟଙ୍କା।

# ଦକ୍ଷିଣ ଭାରତରେ ଶ୍ରମିକ ସଙ୍କଟ; ଶିଳ୍ପ ଉତ୍ପାଦନ ଠପ୍



**ଚେନ୍ନଇ,୧୪।୫(ଏଜେନ୍ସି):** ଶେଷ ହୋଇଛି ତାମିଲନାଡୁ ଏବଂ କେରଳ ରାଜ୍ୟ ବିଧାନସଭା ନିର୍ବାଚନ। ହେଲେ ଏହା ପରେ ପରେ ଦକ୍ଷିଣ ଭାରତରେ ଦେଖିବାକୁ ମିଳିଛି ଶ୍ରମିକ ସଙ୍କଟ। ନିଯୁକ୍ତିଦାତାଙ୍କ ଆଡୁ ବିମାନ ଟିକଟ, ବସ୍ ପଠାଇବା ଓ ଅଧିକ ଦରମା ଅଫର କରାଯାଉଥିବା ସତ୍ତ୍ୱେ କାର୍ଯ୍ୟସ୍ଥଳକୁ ଶ୍ରମିକ ଆସୁନାହାନ୍ତି। ଏହାକୁ ନେଇ ଏବେ ଚିନ୍ତାରେ କେରଳ, ତାମିଲନାଡୁ ଓ କର୍ଣ୍ଣାଟକର ନିଯୁକ୍ତିଦାତା।

ପଶ୍ଚିମବଙ୍ଗ ଏବଂ ଆସାମରୁ ଦକ୍ଷିଣ ଭାରତକୁ କାମ କରିବାକୁ ଆସୁଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଏବେ ପୁଣିଥରେ କାମରେ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ଏବଂ ଆସାମ ନିର୍ବାଚନ ପାଇଁ ସେମାନେ ସବୁ ଘରକୁ ଫେରିଆସିଥିଲେ। ହେଲେ ଏବେ ଆଉ କାମକୁ ଯିବାକୁ ମଙ୍ଗୁନାହାନ୍ତି। ସେଣ୍ଟର ଫର ମାଇଗ୍ରେସନ ଆଣ୍ଡ ଇନକ୍ଲୁସିଭ୍ ଡେଭଲପମେଣ୍ଟ ଇଡି ବେନୟ ପିଟର କହିଛନ୍ତି ଯେ ଏସ୍‌ଆଇଆରରେ ନାମ କଟିବା ଭୟରେ ଚଳିତଥର ଅଧିକ ଲୋକ ଭୋଟ ଦେବାକୁ ଯାଇଥିଲେ। ଏବେ ସେମାନେ ଆଉ କାର୍ଯ୍ୟସ୍ଥଳକୁ ଫେରୁନାହାନ୍ତି। ଏହାର ଅନ୍ୟ କେତେକ କାରଣ ବି ରହିଛି। କେରଳରେ ଆସନ୍ନ ମୌସୁମୀ, ସ୍କୁଲ ଛୁଟି, ବକ୍ରି ଇଦ୍ ଓ ବର୍ତ୍ତମାନ ଚାଷବାସ ସମୟ ଚାଲିଥିବାରୁ ଶ୍ରମିକମାନେ ଆସୁ ନ ଥାଇପାରନ୍ତି ବୋଲି ବେନୟ ପିଟର କହିଛନ୍ତି। ପଶ୍ଚିମ ଏସିଆରେ ସଙ୍କଟ ଯୋଗୁ ଟାଇଲ୍ସ ଏବଂ ପ୍ଲାଇଉଡ୍ ରେଜିନ୍ ଭଳି ସାମଗ୍ରୀର ଅଭାବ ଯୋଗୁ କିଛି କ୍ଷେତ୍ରରେ କାମ ପୂର୍ବରୁ ମନ୍ଥର ହୋଇଯାଉଛି। ଏହି ସଙ୍କଟ ଦ୍ୱାରା କେରଳ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ରାଜ୍ୟରେ ପ୍ରାୟ ୪୦ ଲକ୍ଷ ପ୍ରବାସୀ ଶ୍ରମିକ କାମ କରନ୍ତି, ଯାହାଙ୍କ ମଧ୍ୟରୁ ୭୦% ପଶ୍ଚିମବଙ୍ଗ ଏବଂ ଆସାମରୁ ଆସିଥାନ୍ତି। ବିଲ୍ଡର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ରାଜୁ ଜନ୍ କହିଛନ୍ତି ଯେ ନିଯୁକ୍ତିଦାତାମାନେ ପ୍ରତ୍ୟେକ ପ୍ରକାରର କୌଶଳ ଅବଲମ୍ବନ କରିଛନ୍ତି। ସ୍ଲୋନେ ଶ୍ରମିକଙ୍କୁ ବିମାନ ଟିକଟ୍, ଦରମା ବୃଦ୍ଧି ଏବଂ ବସ୍ ପଠାଇବାକୁ ବି କହିଛନ୍ତି। ତଥାପି, ଅଧିକାଂଶ ଶ୍ରମିକ ଆସିବାକୁ ଇଚ୍ଛୁକ ନୁହଁନ୍ତି ବୋଲି ସେ କହିଛନ୍ତି। ଏଥିରେ ତିରୁପୁରର ପରିସ୍ଥିତି ଆହୁରି ଭୟଙ୍କର। ଦେଶର ସର୍ବବୃହତ ନାଇଟୱେୟାର ପୋଷାକ ରପ୍ତାନି କେନ୍ଦ୍ରରେ ଉତ୍ପାଦନ କ୍ଷମତା ପ୍ରାୟ ୭୦%କୁ ହ୍ରାସ ପାଇଛି। ପଶ୍ଚିମ ଏସିଆ ସଙ୍କଟ ପୂର୍ବରୁ ଅର୍ଡର ହ୍ରାସ ଘଟିଛି ଏବଂ ଶ୍ରମିକ ଅଭାବ ପରିସ୍ଥିତିକୁ ଆହୁରି ଖରାପ କରିଛି।

### ଆସାମ ପଶ୍ଚିମଙ୍ଗରୁ ଫେରିନାହାଁନ୍ତି ଶ୍ରମିକ

### ବିମାନ ଟିକଟ, ବସ୍ ପଠାଇବା ସତ୍ତ୍ୱେ କାମକୁ ଆସୁନାହାନ୍ତି

ଏହି ସଙ୍କଟର ଆହୁରି ଏକ ବଡ଼ କାରଣ ବି ରହିଛି। ଗତ କିଛି ବର୍ଷ ମଧ୍ୟରେ ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର ପ୍ରଦେଶରେ ଦ୍ରୁତ ଶିଳ୍ପ ଏବଂ ଭିତ୍ତିଭୂମି ବିକାଶ ସେଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଲେୟମ ଗ୍ରୁପର ଅଧ୍ୟକ୍ଷ ଜି. ରମେଶ ଚେତାବନୀ ଦେଇଛନ୍ତି ଯେ ଯଦି ପୂର୍ବ ଏବଂ ଉତ୍ତର ଭାଗର ରାଜ୍ୟଗୁଡ଼ିକରେ ଏହି ଗତି ଜାରି ରହେ, ତେବେ ଭବିଷ୍ୟତରେ ଦକ୍ଷିଣ ଭାରତ ପାଇଁ ଶ୍ରମିକ ଖୋଜିବା ଆହୁରି କଷ୍ଟକର ହୋଇଯିବ। କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ ୧.୩ କୋଟି ପ୍ରବାସୀ ଶ୍ରମିକ ବାସ କରନ୍ତି। ସେମାନେ ମୁଖ୍ୟତଃ ଉତ୍ତର ଏବଂ ପୂର୍ବ ଭାରତ, ଯେପରିକି ଉତ୍ତର ପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗରୁ ଆସିଥାନ୍ତି।

## ଆଠଗଡ଼ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶତ ପ୍ରତିଶତ ସଫଳତା



**କଟକ,୧୪।୫(ସମିସ):** ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଆଠଗଡ଼ ରାଜବାଟୀ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ଏଜୁକେସନାଲ୍ ଏଣ୍ଡ ଚାରିଟେବଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସଫଳତା ହାଣ ଶତ ପ୍ରତିଶତ ହୋଇଛି। ଏଥର ମୋଟ ୧୭ର ଜଣ ବିଦ୍ୟାର୍ଥୀ ଏହି ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଏସ ଏନ ସମ୍ପଦ ୯୬.୨୦% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସନ୍ତୋଷ କୁମାର ଖଟୁଆ ୯୦% ରଖି ଦ୍ୱିତୀୟ ଏବଂ ସତ୍ୟପ୍ରଜ୍ଞା ସ୍ୱାଇଁ ୮୫.୨୦ % ନମ୍ବର ରଖି ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ଅନ୍ୟ ତିନିଜଣ ତଥା ତପସ୍ୱିନୀ ନାୟକ, ପି. ଜିଜ୍ଞାସୁ, ଅନ୍‌ବଷୋ ତ୍ରିପାଠୀ ୮୦ % ରୁ ଅଧିକ ନମ୍ବର ରଖି ସଫଳତା ସାଉଁଟିଛନ୍ତି। ସବୁ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ମ୍ୟାନେଜମେଣ୍ଟ ତରଫରୁ କେକ୍ କଟାଯାଇ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ୧୦ ହଜାର, ୭୦୦୦, ୫୦୦୦ ଏବଂ ଅନ୍ୟମାନଙ୍କୁ ଦୁଇ ଦୁଇ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ତେବେ ସ୍କୁଲର ଅନ୍ୟ ଦୁଇ ଜଣ ୮୦% ଓ ଅନ୍ୟ ସମସ୍ତେ ସଫଳତାର ସହିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳ ବିଦ୍ୟାର୍ଥୀଙ୍କୁ ସ୍କୁଲର ନୂତନ ଅଧ୍ୟକ୍ଷ ଅନିଲ କୁମାର ମହାନ୍ତି ଏବଂ ଏକାଡେମିକ ହେଡ୍ ପ୍ରଦୀପ କୁମାର ତ୍ରିପାଠୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଥିଲେ। ପିଲାମାନଙ୍କର ଏହି ସଫଳତାରେ ଟ୍ରଷ୍ଟର ମୁଖ୍ୟ ସଂଯୋଜକ ସମ୍ୟକ୍ ମହାନ୍ତି ଖୁସି ବ୍ୟକ୍ତ କରିଛନ୍ତି।

**ଏନ ସମ୍ପଦ ୯୬.୨୦% ନମ୍ବର ରଖି ସ୍କୁଲ ଟପ୍ପର**

## ‘ଆରୋଗ୍ୟ ରଥ - ହେଲ୍ଥ ଅନ୍ ହ୍ୱିଲ୍ସ’ ର ପତାକା ପ୍ରଦର୍ଶନ ସମାରୋହ




**ଭୁବନେଶ୍ୱର, ୧୪।୫ (ସମିସ):** ହେଲ୍‌ଥ ଭିଲ୍, ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ସହଯୋଗରେ ‘ଆରୋଗ୍ୟ ରଥ - ହେଲ୍ଥ ଅନ୍ ହ୍ୱିଲ୍ସ’ ର ଭବ୍ୟ ପତାକା ପ୍ରଦର୍ଶନ ସମାରୋହ ଅନୁଷ୍ଠିତ ହାଇଯାଇଛି। ଏହା ଦୂରଦୃଷ୍ଟିପୂର୍ଣ୍ଣ ଅଭିଯାନ ମିଶନ ଡାଇବେଟିସ୍-ମୁକ୍ତ ଓଡ଼ିଶା ୨୦୩୦ ଅନ୍ତର୍ଗତ ଏକ ଐତିହାସିକ ସ୍ୱାସ୍ଥ୍ୟସେବା ପ୍ରସାର ପଦକ୍ଷେପ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଆରୋଗ୍ୟ ରଥକୁ ଉନ୍ମୋଚନ ଏବଂ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବିଧାୟକ ବାବୁ ସିଂହ ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର ଉପସ୍ଥିତ ରହିଥିବାବେଳେ ସ୍ୱାସ୍ଥ୍ୟସେବା ସଂସ୍କାରକ ଏବଂ ସୁସ୍ଥତା ଶିକ୍ଷକ ଡକ୍ଟର ସତ୍ୟବ୍ରତ ମୀନକେତନ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆରୋଗ୍ୟ ରଥ ପ୍ରୟାସ ଓଡ଼ିଶାର ଲୋକମାନଙ୍କ ପାଖରେ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ସମ୍ପ୍ରଦାୟର ଲୋକମାନଙ୍କ ପାଖରେ ସିଧାସଳଖ ସ୍ୱାସ୍ଥ୍ୟସେବା ସଚେତନତା ଏବଂ ପ୍ରତିରୋଧକ ସୁସ୍ଥତା ସେବା ପହଞ୍ଚାଇବା ପାଇଁ ଡିଜାଇନ୍ କରାଯାଇଛି।

## ପିଏମ୍ ସୂର୍ଯ୍ୟ ଘର ଯୋଜନା: ସୌର ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରୁଛି ଟିପିସିଓଡିଏଲ

**ଭୁବନେଶ୍ୱର, ୧୪।୫ (ସମିସ):** ସୌର ଶକ୍ତି ବ୍ୟବହାର ସମ୍ପର୍କରେ ଜନସଚେତନତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ଏହି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛି। ଏହି ପ୍ରସାର ଅଭିଯାନର ଅଂଶସ୍ୱରୂପ, ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ରୁଫଟପ୍‌ସୋଲାର ସ୍ଥାପନର ସୁଫଳ ବିଷୟରେ ଉପଭୋକ୍ତାମାନଙ୍କୁ ଶିକ୍ଷିତ କରିବା ପାଇଁ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗ୍ରାମ ସ୍ତରୀୟ ସଚେତନତା ସଭାମାନ ଆୟୋଜନ କରାଯାଉଛି। ନିକଟରେ ନିଶ୍ଚିନ୍ତକୋଇଲି ଫଗୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପିଏମ ସୂର୍ଯ୍ୟ ଘର ଯୋଜନା ଅଧୀନରେ ରୁଫଟପ୍ ସୋଲାର ପ୍ୟାନେଲ ସ୍ଥାପନ କରିବାର ସରଳ ପ୍ରକ୍ରିୟା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଶତାଧିକ ଗ୍ରାମବାସୀ ଏହି ସଚେତନତା କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

**ଆଦାନୀଙ୍କୁ ବଡ଼ ଆଶ୍ୱସ୍ତି**

# ଆମେରିକାରେ ଠକେଇ ମାମଲାର ହେବ ଅନ୍ତ !




**ନୂଆଦିଲ୍ଲୀ,୧୪।୫(ଏଜେନ୍ସି):** ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ମିଳିବାକୁ ଯାଉଛି ବଡ଼ ଆଶ୍ୱସ୍ତି। ଏହି ଧନୀ ବ୍ୟକ୍ତିଙ୍କ ଉପରେ ବର୍ଷେରୁ ଅଧିକ ସମୟ ଧରି ଝୁଲୁଥିବା ଆଇନଗତ ଖଣ୍ଡା ଏବେ ଉଠିଯିବାର ସମ୍ଭାବନା ରହିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକୀୟ କର୍ତ୍ତୃପକ୍ଷ ଗୌତମ ଆଦାନୀଙ୍କ ବିରୁଦ୍ଧରେ ହୋଇଥିବା ଠକେଇ ଅଭିଯୋଗ ସମାଧାନ କରିବାକୁ ଏବଂ ଫୌଜଦାରୀ ମାମଲାକୁ ଖାରଜ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହି ପଦକ୍ଷେପ ଆଦାନୀ ଗ୍ରୁପ୍ ପାଇଁ ଅନ୍ତର୍ଜାତୀୟ ପୁଞ୍ଜି ବଜାରକୁ ଫେରିବା ଏବଂ ଏହାର ଆକ୍ରମଣାତ୍ମକ ସମ୍ପ୍ରସାରଣ ରଣନୀତି ପୁନଃ ଆରମ୍ଭ କରିବାର ପଥ ପ୍ରଶସ୍ତ କରିବ।

ସୂତ୍ର ଅନୁଯାୟୀ, ଆମେରିକୀୟ କର୍ତ୍ତୃପକ୍ଷ ଗୌତମ ଆଦାନୀଙ୍କ ବିରୁଦ୍ଧରେ ଠକେଇ ଅଭିଯୋଗ ସମାଧାନ କରିବା ଏବଂ ଏକ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ମାମଲାକୁ ସମାପ୍ତ କରିବା ଦିଗରେ ଅଗ୍ରସର ହେଉଛନ୍ତି। ଆମେରିକାର ନ୍ୟାୟ ବିଭାଗ ଏହି ଅଭିଯୋଗ ପ୍ରତ୍ୟାହାର ଘୋଷଣା କରିପାରେ। ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ୨୦୨୪ ନଭେମ୍ବରରେ ଆଦାନୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା ଠକେଇ ମାମଲାର ସମାଧାନ କରିବାକୁ ମଧ୍ୟ ପ୍ରସ୍ତୁତ ହେଉଛି। ଏହି ମାମଲାରେ ଏସ୍‌ଇସି ଏବଂ ନ୍ୟାୟ ବିଭାଗ ଅଭିଯୋଗ କରିଥିଲା। ଯେ ସୌରଶକ୍ତି ଚୁକ୍ତିନାମା ସୁରକ୍ଷିତ କରିବା ପାଇଁ ଆଦାନୀ ଗ୍ରୁପ୍ ଭାରତୀୟ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାରରୁ ଅଧିକ ଲାଞ୍ଚ ଦେବାକୁ ଯୋଜନା କରିଥିଲା। ପାଣ୍ଠି ସଂଗ୍ରହ କରିବା ସମୟରେ ଏହି ଯୋଜନାକୁ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକଠାରୁ ଲୁଚାଇ ରଖାଯାଇଥିଲା।

### ପ୍ରତ୍ୟାହାର ହୋଇପାରେ ଠକେଇ ଅଭିଯୋଗ

### ଚଳିତ ସପ୍ତାହରେ ଆସିପାରେ ରାୟ

ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀଙ୍କ ଟିମ୍ କୋର୍ଟରେ ଏହି ଅଭିଯୋଗଗୁଡ଼ିକର ଦୃଢ଼ ପ୍ରତିବାଦ କରିଥିଲେ। ଆଇନଜୀବୀମାନେ କହିଥିଲେ ଯେ ଏକ କଥିତ ଲାଞ୍ଚ ଯୋଜନାର କୌଣସି ବିଶ୍ୱସନୀୟ ପ୍ରମାଣ ନାହିଁ। ସେମାନେ ଯୁକ୍ତି ଦେଇଥିଲେ ଯେ ଏହି ଦୁଇ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ପାଇଁ ଏସ୍‌ଇସିର ଅଧିକାର କ୍ଷେତ୍ର ନାହିଁ। କାରଣ କଥିତ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବରେ ଭାରତରେ ଘଟିଥିଲା। ଆବେଦନରେ ଗୁରୁତ୍ୱ ଦିଆଯାଇଛି ଯେ ନିବେଶକମାନେ କୌଣସି ଆର୍ଥିକ କ୍ଷତି ସହି ନାହାଁନ୍ତି। ୨୦୨୧ରେ ଜାରି ହୋଇଥିବା ବଣ୍ଡଗୁଡ଼ିକ ପରିପକ୍ୱ ହୋଇଥିଲା ଏବଂ ଆଦାନୀ ଗ୍ରୀନ୍ ୨୦୨୪ରେ ନିବେଶକମାନଙ୍କୁ ସୁଧ ସମେତ ସମ୍ପୂର୍ଣ୍ଣ ମୂଳଧନ ଫେରାଇ ଦେଇଥିଲେ। ଅପରପକ୍ଷେ ଯଦିଓ ନ୍ୟାୟ ବିଭାଗ ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିପାରେ, ବିଶେଷଜ୍ଞମାନେ କୁହନ୍ତି ଯେ ଏସ୍‌ଇସି ସହିତ ସମାଧାନରେ ଆଦାନୀ ଗୋଷ୍ଠୀକୁ ଆର୍ଥିକ ଦଣ୍ଡ ଦେବାକୁ ପଡ଼ିପାରେ। ଗତ ମାସରେ, ଜଣେ ଆମେରିକୀୟ ବିଚାରପତି ଏସ୍‌ଇସି ମାମଲାକୁ ଖାରଜ କରିବା ପାଇଁ ଗୌତମ ଆଦାନୀଙ୍କ ଆବେଦନ ଉପରେ ଶୁଣାଣି କରିବାକୁ ମଞ୍ଜୁରୀ ଦେଇଥିଲେ।

